## ପାଠ – ୫ – ଅଭିବାଦନ

**୧. ବାକ୍ୟ ଗଠନ କର ।**

କ. ସାଷ୍ଟାଙ୍ଗ – ଶିଷ୍ୟମାନେ ଗୁରୁଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରନ୍ତି ।

ଖ. ପଦସ୍ଥ – ମୋର ବାପା ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ ଅଟନ୍ତି ।

ଗ. ଭଙ୍ଗୀରେ – ପିଲାଟି ବିଭିନ୍ନ ଭଙ୍ଗୀରେ ନାଚ କରୁଛି ।

ଘ. ଗମ୍ଭୀର – ଚିକିତ୍ସକ କହିଲେ ତାଙ୍କର ଅବସ୍ଥା ଗମ୍ଭୀର ଅଛି ।

ଙ. ବନ୍ଧୁତ୍ୱ – ପରସ୍ପର ମଧ୍ୟରେ ଉତ୍ତମ ବନ୍ଧୁତ୍ୱର ଭାବ ରଖିବା ଉଚିତ୍ ।

ଚ. ଉତ୍କୃଷ୍ଟ – ଏ ବର୍ଷ ଆମ ଜମିରେ ଉତ୍କୃଷ୍ଟତର ଫସଲ ହୋଇଛି ।

**୨. ଭାରତରେ ବାସ କରୁଥିବା ବ୍ୟକ୍ତିଙ୍କୁ ଯେପରି ଭାରତୀୟ କୁହାଯାଏ, ସେହିପରି ନିମ୍ନରେ ଦିଆଯାଇଥିବା ଅଧିବାସୀଙ୍କୁ କ'ଣ କହିବା ?**

କ. ଆରବରେ ବାସ କରୁଥିବା – ଆରବୀୟ

ଖ. ମିଶରରେ ବାସ କରୁଥିବା – ମିଶରୀୟ

ଗ. ଓଡ଼ିଶାରେ ବାସ କରୁଥିବା – ଓଡ଼ିଆ

ଘ. ୟୁରୋପରେ ବାସ କରୁଥିବା – ୟୁରୋପୀୟ

ଙ. ସିଂହଳରେ ବାସ କରୁଥିବା – ସିଂହଳୀ

ଚ. ଜାପାନରେ ବାସ କରୁଥିବା – ଜାପାନୀ

**୩. ହରି ଗପ ଲେଖୁଅଛି । ହରି ଗପ ଲେଖେ । ପ୍ରଥମ ବାକ୍ୟରେ 'ଲେଖୁଅଛି' ବଦଳରେ ଦ୍ୱିତୀୟ ବାକ୍ୟରେ 'ଲେଖେ' ଲେଖା ହୋଇଛି, ସେହିପରି ତଳ ବାକ୍ୟଗୁଡ଼ିକରେ ଗାର ଦିଆଯାଇଥିବା ପଦଗୁଡ଼ିକ ବଦଳାଇ ଲେଖିବା ।**

କ. ଲଳିତ ପାଠ ପଢୁଅଛି, ଲଳିତ ପାଠ ପଢ଼େ ।

ଖ. ବିନି ନାଚ କରୁଅଛି, ବିନି ନାଚ କରେ ।

ଗ. ନଈରେ ଜୁଆର ଆସିଛି, ନଈରେ ଜୁଆର ଆସେ ।

ଘ. ଲତାଟିରେ ଫୁଲ ଫୁଟିଅଛି, ଲତାଟିରେ ଫୁଲ ଫୁଟେ ।

**୪. 'ବ୍ୟବସ୍ଥା' ଶବ୍ଦର ପୂର୍ବରେ 'ଅ' ଲେଖିଲେ ହେବ 'ଅବ୍ୟବସ୍ଥା' । ସେହିପରି ନିମ୍ନ ଶବ୍ଦ ପୂର୍ବରେ 'ଅ' ଲେଖିଲେ କ'ଣ ହେବ ଲେଖିବା ।**

କ. ସମ୍ମାନ – ଅସମ୍ମାନ      ଖ. କୁହା – ଅକୁହା

ଗ. ଲୁଣିଆ – ଅଲଣା      ଘ. ଲଗା – ଅଲଗା

ଙ. ଜାଗା – ଅଜାଗା      ଚ. ପଚରା – ଅପଚରା

**୫. ଯେପରି ପରଃ + ପର = ପରସ୍ପର ସେହିପରି କ'ଣ ହେବ ଲେଖିବା ।**

କ. ନମସ୍କାର – ନମଃ + କାର

ଖ. ପୁରସ୍କାର – ପୁରଃ + କାର

ଗ. ଆବିଷ୍କାର – ଆବିଃ + କାର

**୬. ଦିଆଯାଇଥିବା ବାକ୍ସ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନରେ ଲେଖିବା ।**

**(ଚାପି, ଅସଫଳ, ଅବହେଳା, ଜୋର୍‌ରେ)**

କ. ରୀତା ଭଲ ଭାବରେ ପଢ଼ା ପ୍ରସ୍ତୁତ ନ କରିବାରୁ ପରୀକ୍ଷରେ ଅସଫଳ ହେଲା ।

ଖ. ସୈନ୍ୟ ଘୋଡ଼ାରେ ବସି ଘୋଡ଼ାକୁ ଜୋର୍‌ରେ ଛୁଟାଇଲେ ।

ଗ. ଉଭୟେ ନିଜ ନିଜର ଦୁଇ ହାତକୁ ଛାତିରେ ଚାପି ଧରନ୍ତି ।

**୭. ତଳେ ଲେଖାଯାଇଥିବା ଶବ୍ଦଗୁଡ଼ିକର ବହୁବଚନରେ କ'ଣ ହେବ ଲେଖିବା**

କ. ଆପଣ – ଆପଣମାନେ

ଖ. ଲୋକଟି – ଲୋକମାନେ

ଗ. ଆଙ୍ଗୁଠି – ଆଙ୍ଗୁଠିଗୁଡ଼ିକ

ଘ. ସେ – ସେମାନେ

## ପାଠ – ୬ – ଜାତି ନୁହେଁ କାମ ବଡ଼

**୧. ପାଠରୁ ଉତ୍ତର ଖୋଜି ଲେଖିବା ।**

କ. ପ୍ରତିଦିନ ଗୋସେଇଁ କ'ଣ କରନ୍ତି ?

ଉ. ପ୍ରତିଦିନ ଗୋସେଇଁ ଷାଠିଏ ଘର ବୁଲି ପୂଜାପାଠ କରନ୍ତି ।

ଖ. ଧୁରୁମ ମାଛ ମାରିବାକୁ କାହିଁକି ଗଲା ?

ଉ. କାରଣ ଧୁରୁମର ବାପା 'ସମନା'କୁ ଜ୍ୱର ହେବାରୁ ଧୁରୁମ ମାଛ ଧରିବାକୁ ଗଲା ।

ଗ. ନିଆଁ ଲାଗିଯାଇ ଗାଁର କିପରି କ୍ଷତି ହେଲା ?

ଉ. ନିଆଁ ଚାଳକୁ ଚାଳ ଲାଗି ତିନୋଟି ପରିବାରର ଘର ପୋଡ଼ି ଯାଇ କ୍ଷତି ହୋଇଗଲା ।

ଘ. ଛୁଆଟାକୁ ନିଆଁ ଭିତରେ ଦେଖି ଲୋକେ କ'ଣ କହିଲେ ?

ଉ. ଛୁଆଟାକୁ ନିଆଁ ଭିତରେ ଦେଖି ଲୋକେ କହିଲେ ପାଣି ଦୁଇ ବାଲ୍‌ଟି ଛାଟି ପଶିଯାଅ, କଦଳୀ ଗଛ ପକାଇ ତା' ଉପରେ ଚାଲି ଯାଅ, ନ ହେଲେ ଓଦା ଅଖା ଗୁଡ଼ାଇ ହୋଇ ପଶି ଯାଅ ।

ଙ. ସମାନା କିପରି ଛୁଆକୁ ଉଦ୍ଧାର କଲା ?

ଉ. ସମାନା ଅରଣା ମଇଁଷି ପରି ନିଆଁରେ ପଶି ଛୁଆଟିକୁ ଛାତିରେ ପକାଇ ନଇଁ ନଇଁ ପଦାକୁ ଆସିଲା ।

ଚ. ଗୋସେଇଁ ନିଜର ଭୁଲ୍ ବୁଝିଲେ କିପରି ?

ଉ. ସମନାର ଉପକାର ମନୋଭାବ ଯୋଗୁଁ ଗୋସେଇଁଙ୍କର ପୁତ୍ରକୁ ଉଦ୍ଧାର କରି ଜୀବନ ରକ୍ଷା କରିଥିବାରୁ ଗୋସେଇଁ ନିଜର ଭୁଲ ବୁଝି ପାରିଲେ ।

**୨. ବାକ୍ୟଗଠନ କର ।**

କ. କାଚକେନ୍ଦୁ – ଝରଣା ପାଣି ଦେଖିବାକୁ କାଚ କେନ୍ଦୁ ପରି ।

ଖ. ମଝାମଝି – ଝରକାଟି ଗୃହର ମଝାମଝି ଅଛି ।

ଗ. ଖତମ୍ – ଆମେ ଖେଳ ଖତମ୍ କରି ଘରକୁ ଫେରିଲୁ ।

ଘ. ନେହୁରା – ସାନ ପିଲାଟି ଖେଳନା ପାଇଁ ବାପାଙ୍କ ପାଖରେ ନେହୁରା ହେଉଛି ।

ଙ. ଆଙ୍ଗୁଳି – ମୋର ଆଙ୍ଗୁଳିଟି କଟିଯାଇଛି ।

**୩. ବିପରୀତ ଶବ୍ଦ ଲେଖ ।**

କ. ଦୂର – ପାଖ | ଖ. ବଡ଼ – ସାନ

ଗ. ଯଜମାନ – ଅତିଥି | ଘ. ଉତ୍ତର – ପ୍ରଶ୍ନ

ଙ. ସଞ୍ଜ – ସକାଳ | ଚ. ରାତି – ଦିବସ

## ପାଠ – ୭ – ଜାତି ନୁହେଁ କାମ ବଡ଼

**୧. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ନିକଟରେ ଥିବା ବୃତ୍ତ ମଧ୍ୟରେ ରହିଛି । ଯେଉଁ ଶବ୍ଦର ଯେଉଁ ଅର୍ଥ ତାହାକୁ ସେହି ଶବ୍ଦର ଡ଼ାହାଣରେ ଥିବା କୋଠରି ଭିତରେ ରଖିବା ।**

**ମାଙ୍କଡ଼, ମାରିଲି, ହଠାତ୍, ସମାନ, ସମୁଦ୍ର, ଯାହାକୁ ଗରି ହେବ ନାହିଁ ।**

କ. ସମକକ୍ଷ – ସମାନ | ଖ. ଅକସ୍ମାତ୍ – ହଠାତ୍

ଗ. ବଧିଲି – ମାରିଲି | ଘ. ସିନ୍ଧୁ – ସମୁଦ୍ର

ଙ. ଅଗଣନ – ଯାହାକୁ ଗଣି ହେବ ନାହିଁ | ଚ. କପି – ମାଙ୍କଡ଼

**୨. ଏହି ପଦ୍ୟର କେଉଁ ପଦଟି ତୁମକୁ ଅଧିକ ଭଲ ଲାଗିଲା ଓ କାହିଁକି ?**

**୩. ଏହି ପଦଟିକୁ ସରଳ ଭାଷାରେ ବୁଝାଇ ଲେଖିବା ।**

କହିଲେ ଏହା ତ ଅଶୁଭ ଏକାନ୍ତ ବିଡ଼ମ୍ବନା ଭୟଙ୍କର,

ବାମ ହେଲେ ବିଧି ଏପରି ଅବିଧି ହୁଅଇ ଦୃଷ୍ଟିଗୋଚର ।

**୫. ପାଠରୁ ବାଛି ଖାଲି ଘରେ ଲେଖିବା ।**

କ. ଅର୍ଜୁନ ବୀରଙ୍କ ମଧ୍ୟରେ ଜ୍ୟେଷ୍ଠ । | ଖ. ହନୁମାନ ରାଗରେ ଉଠିଲେ ଢ଼ଳି ।

ଗ. ଅସୁଭ ଏକନ୍ତ ବିଡ଼ମ୍ବନା ଭୟଙ୍କର । | ଘ. ଗରବରୁ ହୁଅ କ୍ଷାନ୍ତ ।

**୬. 'ଉଚ୍ଚବାଚ' ପରି ଆଉ କେତୋଟି ଯୋଡ଼ି ଶବ୍ଦ ଲେଖ ।**

କ. ଅନ୍ନଜଳ | ଖ. ସୁନ୍ଦର ମୁଖ

ଗ. ସ୍ୱଚ୍ଛ ଜଳ | ଘ. ନବ ଜୀବନ

## ପାଠ – ୮ – ପ୍ରାଣୀ ଉଦ୍ୟାନ

**୧. ଉତ୍ତର ଗୁଡ଼ିକ ଲେଖ ।**

କ. ପ୍ରାଣୀ ଉଦ୍ୟାନ ଗଢ଼ି ଉଠିବାର ମୂଳ ଲକ୍ଷ୍ୟ କ'ଣ ଅଟେ ?

ଉ. ପଶୁ ଶିକାର ବନ୍ଦ କରିବା, ବନ୍ୟ ପଶୁପକ୍ଷୀମାନଙ୍କ ବିଶ୍ରାମସ୍ଥଳ ସୁରକ୍ଷିତ କରିବା ଏବଂ ବିଲୁପ୍ତପ୍ରାୟ ଜୀବଜନ୍ତୁ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପ୍ରାଣୀ ଉଦ୍ୟାନ ଗଢ଼ି ଉଠିବାର ମୂଳ ଲକ୍ଷ୍ୟ ଅଟେ ।

ଖ. ନନ୍ଦନକାନନ କହିଲେ ଲୋକେ ବାହାକୁ ବୁଝନ୍ତି ?

ଉ. ନନ୍ଦନକାନନ କହିଲେ ଲୋକେ ସ୍ୱର୍ଗପୁରୀରେ ଥିବା ପ୍ରମୋଦ ଉଦ୍ୟାନକୁ ହିଁ ବୁଝିଥାଆନ୍ତି ।

ଗ. କାହାର ଉଦ୍ୟମରେ ନନ୍ଦନକାନନ ପ୍ରତିଷ୍ଠା ହୋଇପାରିଥିଲା ?

ଉ. ୧୯୬୦ ମସିହା ଡିସେମ୍ବର ମାସ ୨୯ ତାରିଖରେ ଏହି ପ୍ରାଣୀ ଉଦ୍ୟାନଟି ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଓ ଜଙ୍ଗଲ ବିଭାଗୀୟ ମନ୍ତ୍ରୀ ରାଧାନାଥ ରଥଙ୍କ ପ୍ରଗାଢ଼ ଉଦ୍ୟମ ଫଳରେ ଏହି ଉଦ୍ୟାନଟି ପ୍ରତିଷ୍ଠା ହୋଇ ପାରିଲା ।

ଘ. ନନ୍ଦନକାନନରେ କି କି ପ୍ରାଣୀ ଦେଖିବାକୁ ମିଳନ୍ତି ?

ଉ. ନନ୍ଦନକାନନରେ ଧଳାବାଘ, ଆଫ୍ରିକା ସିଂହ, ଭାରତୀୟ ବାଘ, ଚିତାବାଘ, ମୟୂର, ବଜ୍ରକାପ୍ତା, ଶୁଆ, ସିମ୍ପାଞ୍ଜି ଇତ୍ୟାଦି ବିଭିନ୍ନ ପ୍ରକାରର ପଶୁ ପକ୍ଷୀ ଦେଖିବାକୁ ମିଳନ୍ତି ।

ଙ. ସରୀସୃପ ସରଣୀ ମଧ୍ୟରେ ଦର୍ଶକ କ'ଣ ଦେଖିବାକୁ ପାଏ ?

ଉ. ସରୀସୃପ ସରଣୀ ମଧ୍ୟରେ ଦର୍ଶକ ବିଭିନ୍ନ ପ୍ରକାରର ସରୀସୃପ ଜାତିର ଜୀବଜନ୍ତୁ ଦେଖିବାକୁ ପାଏ ।

ଚ. ଶିଶୁ ରେଳଗାଡ଼ିର ପ୍ରଚଳନ କେବେ ଓ କାହିଁକି ହୋଇଥିଲା ?

ଉ. ୧୯୭୧ ମସିହାରେ ଶିଶୁମାନଙ୍କର ଚିତ୍ତବିନୋଦନ ମନମଉଜ ଭ୍ରମଣ କରିବା ପାଇଁ ଶିଶୁ ରେଳଗାଡ଼ିର ପ୍ରଚଳନ ହୋଇଥିଲା ।

ଛ. ପଟିଆଗଡ଼ରେ ଦର୍ଶକ କାହାକୁ ଦେଖିଥାନ୍ତି ?

ଉ. ନନ୍ଦନକାନନ ଠାରୁ କିଛି ବାଟରେ ପଟିଆଗଡ଼ ପଡ଼େ । ତା' ନିକଟରେ ଯେଉଁ ଅନୁଚ୍ଚ ପର୍ବତ ଅଛି, ତାରି ଉପରି ଭାଗରେ ଥିବା ଶିଖର ଚଣ୍ଡୀଙ୍କ ମନ୍ଦିରକୁ ଦର୍ଶକ ଦେଖିଥାନ୍ତି ।

ଜ. ନନ୍ଦନକାନନର ପ୍ରାଣୀମାନଙ୍କର ମୃତ୍ୟୁର କାରଣ କ'ଣ ?

ଉ. ବିଭିନ୍ନ ସମୟର ବାଧା ଓ ଅସନ୍ତୁଳିତ ପରିବେଶ ନନ୍ଦନକାନନ ପ୍ରାଣୀମାନଙ୍କ ମୃତ୍ୟୁର କାରଣ ଅଟେ ।

**୨. ଶବ୍ଦର ଅର୍ଥ ଖୋଜି ବାକ୍ୟରେ ଲେଖ ।**

କ. ଅନୁଚ୍ଚ – ଯାହା ଉଚ୍ଚ ନୁହେଁ ।

ଖ. ସରୀସୃପ – ଯେଉଁମାନେ ଛାତିରେ ଭରା ଦେଇ ଚାଲନ୍ତି ।

ଗ. କଲ୍ୟାଣମୟୀ – ଯିଏ କଲ୍ୟାଣ ଇଚ୍ଛା କରେ ।

ଘ. ଅକାଳରେ – ଅସମୟରେ

**୩. ଶବ୍ଦଗୁଡ଼ିକ ଲେଖ ।**

କ. ପ୍ରକୃତି – ପ୍ରାକୃତିକ

ଖ. ସାହିତ୍ୟ – ସାହିତ୍ୟିକ

ଗ. ଶରୀର – ଶାରୀରିକ

ଘ. ନୀତି – ନୈତିକ

ଙ. ଦିନ – ଦୈନିକ

**୪. ଏକ ପଦରେ ପ୍ରକାଶ କର**

କ. ଯାହା ସ୍ଥାୟୀ ନୁହେଁ – ଅସ୍ଥାୟୀ ।

ଖ. ଯାହା ଲୁଣିଆ ନୁହେଁ – ଅଲଣା ।

ଗ. ଯାହା ଉଚ୍ଚ ନୁହେଁ – ଅନୁଚ୍ଚ ।

ଘ. ଯାହା କାର୍ଯ୍ୟ ନୁହେଁ – ଅକାର୍ଯ୍ୟ ।

**୫. ଯିଏ ଅଲଗା ତାକୁ ବାଛି ବାକ୍ସରେ ଲେଖ ।**

କ. ବାଘ, ଗଧିଆ, ସିଂହ, ମାଙ୍କଡ଼ – ମାଙ୍କଡ଼ ।

ଖ. ଶୁଆ, ସାରୀ, କୋଇଲି, ବଗ – ବଗ ।

ଗ. ଅହିରାଜ, ଠେକୁଆ, ତମ୍ପ, ଅଜଗର – ଠେକୁଆ ।

ଘ. ହଂସ, ପେଚା, ହଂସରାଳୀ, ପିହୁଳା ଏଣ୍ଡୁଅ – ପିହୁଳା ଏଣ୍ଡୁଅ ।

**୬. ଖାଲି ଘର ପୂରଣ କର ।**

କ. ଓଡ଼ିଶାର ମଣ୍ଡପଟି ଖୁବ୍ ଆକର୍ଷଣୀୟ ହୋଇପାରିଥିଲା ।

ଖ. ଚନ୍ଦକା ଜଙ୍ଗଲର ଅବସ୍ଥିତି ପ୍ରାଣୀ ଉଦ୍ୟାନର ଶୋଭାକୁ ଦ୍ୱିଗୁଣିତ କରେ ।

ଗ. ଦର୍ଶକମାନେ ଦ୍ୱାରବନ୍ଦଥିବା ମଟରଗାଡ଼ିରେ ବସି ଏହି ସଫାରୀ ମଧ୍ୟକୁ ଯାଇଥାନ୍ତି ।

ଘ. ଏହା ମଧ୍ୟରେ ପର୍ଯ୍ୟଟକ ନୌକା ବିହାର କରିବାର ସୁଯୋଗ ଲାଭ କରିଥାନ୍ତି ।

**୭. ବାକ୍ୟଗଠନ କର ।**

କ. ଅବାଧ – ରଘୁ ଅବାଧ ଭାବେ ମଧୁବାବୁଙ୍କର କାମ କରୁଥିଲା ।

ଖ. ପ୍ରଦର୍ଶନୀ – ଆମ ବିଦ୍ୟାଳୟରେ ଚିତ୍ରକଳା–ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।

ଗ. ଦୃଷ୍ଟିଗୋଚର – ଆକାଶରେ ଏକ ଅଜଣା ଆକୃତି ଦୃଷ୍ଟିଗୋଚର ହେଲା ।

ଘ. ଆକୃଷ୍ଟ – ପିଲାଟିର ଗୀତ ଶୁଣି ସମସ୍ତେ ଆକୃଷ୍ଟ ହେବେ ।

ଙ. ବିଲୁପ୍ତ – ଶାର୍ଗୁଣା ଏକ ବିଲୁପ୍ତ ପକ୍ଷୀ ହେବାକୁ ଯାଉଛି ।

**୮. କିଏ କେଉଁଠାରେ ରୁହେ ଲେଖ ।**

କ. ଗୋଧି – ସ୍ଥଳଭାଗରେ ।

ଖ. ଗେଣ୍ଡାଳିଆ – ଜଳରେ ।

ଗ. ପିହୁଳା ଏଣ୍ଡୁଅ – ଗଛରେ ।

ଘ. ଧଳା କୁଆ – ଗଛରେ ।

ଙ. ସିଂହ – ସ୍ଥଳଭାଗରେ ।

ଚ. ଅହିରାଜ – ସ୍ଥଳଭାଗରେ ।

ଛ. ସାରସ – ଜଳରେ ।

ଜ. କୁମ୍ଭୀର – ଜଳରେ ।

ଝ. ନାଗ – ସ୍ଥଳଭାଗରେ ।

ଞ. ମୟୂର – ସ୍ଥଳଭାଗରେ ।

ଟ. ଓଟପକ୍ଷୀ – ସ୍ଥଳଭାଗରେ ।

ଠ. ନୀଳଗାଈ – ସ୍ଥଳଭାଗରେ ।